# NATIONAL NEWS BULLETIN (ODIA)

**21 February - 2026**

**Mid Bulletin : 1.50 p.m.**

---

## ମୁଖ୍ୟ ସମ୍ବାଦ

- ବ୍ରାଜିଲ ରାଷ୍ଟ୍ରପତିଙ୍କ ସହ ବିଭିନ୍ନ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗରେ ଆଲୋଚନା କଲେ ପ୍ରଧାନମନ୍ତ୍ରୀ

- ଦେଶକୁ ନକ୍ସଲମୁକ୍ତ କରିବା ଦିଗରେ ସିଆର୍‌ପିଏଫ୍ ଯବାନଙ୍କ ଅବଦାନ ଅତୁଳନୀୟ, କହିଲେ ସ୍ୱରାଷ୍ଟ୍ରମନ୍ତ୍ରୀ

- ଭାରତ ଉପରେ ଅସ୍ଥାୟୀ ଭାବେ ୧୦ ପ୍ରତିଶତ ଶୁଳ୍କ ଲାଗୁ ହେବା ନେଇ ଆମେରିକାର ସୂଚନା ।

- ଆକାଶବାଣୀର ମନ୍‌କି ବାତ୍ କାର୍ଯ୍ୟକ୍ରମରେ ଆସନ୍ତାକାଲି ପ୍ରଧାନମନ୍ତ୍ରୀ ଦେଶବାସୀଙ୍କ ସହ କରିବେ ଭାବବିନିମୟ

ଏବଂ

- ଆଜିଠାରୁ ଟି-୨୦ ପୁରୁଷ କ୍ରିକେଟ୍ ବିଶ୍ୱକପ୍‌ର ସୁପର୍-୮ ପର୍ଯ୍ୟାୟ ଆରମ୍ଭ ।

---

## ବ୍ରାଜିଲ୍-ପ୍ରେଜ୍ ୱେଲ୍‌କମ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଏବଂ ବ୍ରାଜିଲ ରାଷ୍ଟ୍ରପତି ଲୁଇସ୍ ଇନାସିଓ ଲୁଲା ଡା ସିଲ୍‌ଭାଙ୍କ ମଧ୍ୟରେ ଆଜି ନୂଆଦିଲ୍ଲୀଠାରେ ଦ୍ୱିପାକ୍ଷିକ ଆଲୋଚନା ଜାରି ରହିଛି । ବୈଠକରେ ଉଭୟ ଦେଶ ମଧ୍ୟରେ ବିଭିନ୍ନ ପ୍ରସଙ୍ଗର ସମୀକ୍ଷା କରାଯାଉଛି । ଉଭୟ ନେତା ଆପୋଷ ସ୍ୱାର୍ଥ ସମ୍ବଳିତ ବିଭିନ୍ନ ଆଞ୍ଚଳିକ ଏବଂ ବୈଶ୍ୱିକ ପ୍ରସଙ୍ଗରେ ମତ

ବିନିମୟ କରିଛନ୍ତି । ବ୍ରାଜିଲ ରାଷ୍ଟ୍ରପତିଙ୍କୁ ଆଜି ନୂଆଦିଲ୍ଲୀସ୍ଥିତ ରାଷ୍ଟ୍ରପତି ଭବନରେ ସ୍ୱାଗତ ସମ୍ବର୍ଦ୍ଧନା ଦିଆଯାଇଥିଲା ।

ଭାରତ ଏବଂ ବ୍ରାଜିଲ ସମାନ ଗଣତାନ୍ତ୍ରିକ ମୂଲ୍ୟବୋଧକୁ ଗୁରୁତ୍ୱ ଦେଇଥାନ୍ତି ଓ ବିଭିନ୍ନ କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ଦୃଢ଼ ସହଯୋଗ ମୂଳକ ସମ୍ପର୍କ ରହିଛି । ଭାରତ ଏବଂ ବ୍ରାଜିଲ ୨୦୦୬ ମସିହାରୁ ରଣନୈତିକ ସହଭାଗୀ ଭାବେ କାର୍ଯ୍ୟ କରୁଛନ୍ତି । ବାଣିଜ୍ୟ ଏବଂ ନିବେଶ, ପ୍ରତିରକ୍ଷା, ଶକ୍ତି, କୃଷି, ସ୍ୱାସ୍ଥ୍ୟ ଏବଂ ଔଷଧ, ନବୀକରଣ ଶକ୍ତି, ଗୁରୁତ୍ୱପୂର୍ଣ୍ଣ ଖଣିଜ ପଦାର୍ଥ, ବିରଳ ମୃତ୍ତିକା ସାମଗ୍ରୀ, ବିଜ୍ଞାନ ଏବଂ ପ୍ରଯୁକ୍ତିବିଦ୍ୟା ଏବଂ ନବସୃଜନ ଭଳି କ୍ଷେତ୍ରରେ ଉଭୟ ଦେଶ ମଧ୍ୟରେ ଦ୍ୱିପାକ୍ଷିକ ସମ୍ପର୍କ ସମୟ କ୍ରମେ ଆହୁରି ଗଭୀର ହୋଇଛି। ଉଭୟପକ୍ଷ ମଧ୍ୟରେ ଜାତିସଂଘ ସଂସ୍କାର, ଜଳବାୟୁ ପରିବର୍ତ୍ତନ ଏବଂ ସନ୍ତ୍ରାସବାଦ ନିରୋଧୀ ପଦକ୍ଷେପ ଆଦି ଆନ୍ତର୍ଜାତିକ ପ୍ରସଙ୍ଗ ଉପରେ ଆଲୋଚନା କରାଯାଇଛି ।

---

# ପିଏମ୍-ଫକ୍ସକନ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦୀ ଆଜି ଆଭାସୀ ମାଧ୍ୟମରେ ଉତ୍ତରପ୍ରଦେଶ ଯମୁନା ଏକ୍ସପ୍ରେସ୍ ୱେ ଶିଳ୍ପ ବିକାଶ ପ୍ରାଧିକରଣରେ ଏଚ୍‌ସିଏଲ୍ ଫକ୍ସକନ୍ ମିଳିତ ପ୍ରକଳ୍ପର ଶିଳାନ୍ୟାସ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିବେ । ଘରୋଇ ନିର୍ମାଣ କ୍ଷମତାକୁ ସୁଦୃଢ଼ କରିବା, ଆମଦାନୀ ନିର୍ଭରଶୀଳତା ହ୍ରାସ କରିବା ଏବଂ ବିଶ୍ୱସ୍ତରରେ ଆତ୍ମନିର୍ଭରଶୀଳ ଓ ଯୋଗାଣଶୃଙ୍ଖଳ ବଜାୟ ରଖିବା ଦିଗରେ ସରକାରଙ୍କ ପଦକ୍ଷେପ ସଂପର୍କରେ ଏହି ପ୍ରକଳ୍ପରେ ଗୁରୁତ୍ୱ ପ୍ରଦାନ କରାଯିବ । ଦେଶର ସେମିକଣ୍ଡକ୍ଟର ଇକୋସିଷ୍ଟମ୍‌କୁ ଏଥିରେ ଅଧିକ ପ୍ରାଧାନ୍ୟ ଦିଆଯିବ । ନବସୃଜନ, ଦକ୍ଷତା ବିକାଶ ଏବଂ ବୈଶୟିକ ରୂପାନ୍ତରଣ ପ୍ରକ୍ରିୟାକୁ ତ୍ୱରାନ୍ୱିତ ଦିଗରେ ଏହି ପ୍ରକଳ୍ପ ଜରିଆରେ ପଦକ୍ଷେପ ଗ୍ରହଣ କରାଯିବ ।

ଭାରତର ବିକାଶ ଯାତ୍ରାରେ ଏଚ୍‌ସିଏଲ୍ ଫକ୍ସକନ୍ ସେମିକଣ୍ଡକ୍ଟର ଏକ ଉଲ୍ଲେଖନୀୟ ମାଇଲଖୁଣ୍ଟ ବୋଲି ବିବେଚନା କରାଯାଇଛି ।

---

# ଶାହା-ଆସାମ ଭିଜିଟ୍

କେନ୍ଦ୍ର ସ୍ୱରାଷ୍ଟ୍ରମନ୍ତ୍ରୀ ଅମିତ ଶାହା କହିଛନ୍ତି, ଆସନ୍ତାମାସ ୩୧ ତାରିଖ ସୁଦ୍ଧା ଦେଶକୁ ସଂପୂର୍ଣ୍ଣ  ନକ୍ସଲମୁକ୍ତ କରିବା ଲାଗି ରାଷ୍ଟ୍ର ଶପଥ ଗ୍ରହଣ କରିଛି । ଗୌହାଟୀଠାରେ କେନ୍ଦ୍ରୀୟ ରିଜର୍ଭ ପୋଲିସ୍ ବାହିନୀ-ସିଆରପିଏଫ୍‌ର ପ୍ରତିଷ୍ଠାଦିବସ ପ୍ୟାରେଡ୍‌ରେ ଯୋଗଦେଇ ଶ୍ରୀ ଶାହା କହିଛନ୍ତି, ସିଆର୍‌ପିଏଫ୍ ଯବାନମାନେ ରାଷ୍ଟ୍ରପାଇଁ ଅତୁଳନୀୟ ସେବା ପ୍ରଦାନ କରିଛନ୍ତି । ଦେଶକୁ ନକ୍ସଲମୁକ୍ତ କରିବା ଲାଗି ସିଆର୍‌ପିଏଫ୍ ଯବାନ ଏବଂ କୋବ୍ରା ବାଟାଲିୟନ ପକ୍ଷରୁ କାର୍ଯ୍ୟ ନିରନ୍ତର ଜାରି ରହିଛି । ଉତ୍ତର ପୂର୍ବାଞ୍ଚଳ, ଜାମ୍ମୁ କାଶ୍ମୀର ଏବଂ ମାଓପ୍ରବଣ ଅଞ୍ଚଳରେ ସିଆର୍‌ପିଏପ୍ ଯବାନମାନେ ଶାନ୍ତି ପ୍ରତିଷ୍ଠା ଦିଗରେ ଗୁରୁତ୍ୱପୂର୍ଣ୍ଣ ଭୂମିକା ଗ୍ରହଣ କରିଛନ୍ତି ବୋଲି ସେ କହିଛନ୍ତି । ସେମାନଙ୍କ ବିନା ଦେଶରେ ଆଭ୍ୟନ୍ତରୀଣ ସୁରକ୍ଷାର ପରିକଳ୍ପନା କରାଯାଇ ପାରେ ନାହିଁ ବୋଲି ଶ୍ରୀ ଶାହା କହିଛନ୍ତି ।

**V/O (Shah)**

ମଣିପୁରର ହିଂସାପ୍ରବଣ ଅଞ୍ଚଳରେ ଶାନ୍ତି ପ୍ରତିଷ୍ଠା ପାଇଁ ସିଆର୍‌ପିଏଫ୍‌ରଅନେକ ବାଟାଲିୟନକୁ ମୁତୟନ କରାଯାଇଛି । ସେମାନେ ଏ ଦିଗରେ କାର୍ଯ୍ୟ କରୁଛନ୍ତି। ରାଷ୍ଟ୍ରର ସୁରକ୍ଷା ଦିଗରେ ଜୀବନ ଉତ୍ସର୍ଗ କରିଥିବା ସିଆରପିଏଫ୍ କର୍ମକର୍ତ୍ତାଙ୍କ ଲାଗି ଶ୍ରୀ ଶାହା ଶ୍ରଦ୍ଧାଞ୍ଜଳି ଜ୍ଞାପନ କରିଥିଲେ ।  ଦେଶ ସେବାରେ ୨ ହଜାର ୨୭୦ ଜଣ ଯବାନ ପ୍ରାଣବଳୀ ଦେଇଥିବା ସେ ସୂଚନା ଦେଇଛନ୍ତି । ସେହିପରି କେବଳ ଉତ୍ତର ପୂର୍ବାଞ୍ଚଳରେ ୭ ଶହ ଜଣ ଯବାନ ସେମାନଙ୍କ ଜୀବନ ଉତ୍ସର୍ଗ କରିଥିବା ସେ କହିଛନ୍ତି ।

ଏହି ଅବସରରେ ଶ୍ରୀ ଶାହା ଯବାନମାନଙ୍କ ପକ୍ଷରୁ ଆୟୋଜିତ ପ୍ୟାରେଡ୍‌ରେ ଅଭିବାଦନ ଗ୍ରହଣ କରିଥିଲେ । ସିଆରପିଏଫ୍ ଯବାନମାନଙ୍କୁ ଅଦମ୍ୟ ବୀରତ୍ୱ ପାଇଁ ସାହସିକତା ପଦକ ପ୍ରଦାନ କରିଥିଲେ । ଆସାମ ମୁଖ୍ୟମନ୍ତ୍ରୀ ହିମନ୍ତ ବିଶ୍ୱଶର୍ମା ମଧ୍ୟ କାର୍ଯ୍ୟକ୍ରମରେ ଅଂଶ ଗ୍ରହଣ କରିଥିଲେ । ଗୁଆହାଟୀ କାଚୁଟୋଲିଠାରେ ଆଜି ଅପରାହ୍ନରେ ଶ୍ରୀ ଶାହା ଦଶମ ଆସାମ ପୋଲିସ୍ ବାଟାଲିୟନର ନୂତନ କ୍ୟାମ୍ପସ୍‌ର ଶିଳାନ୍ୟାସ କରିବାର କାର୍ଯ୍ୟସୂଚୀ ରହିଛି ।

---

# ବୈଷ୍ଣବ-ଏଆଇ ସମିଟ୍

ଇଲେକ୍‌ଟ୍ରୋନିକସ୍ ଏବଂ ପ୍ରଯୁକ୍ତିବିଦ୍ୟା ମନ୍ତ୍ରୀ ଅଶ୍ୱିନୀ ବୈଷ୍ଣବ କହିଛନ୍ତି, ନୂଆଦିଲ୍ଲୀଠାରେ ହୋଇଥିବା ଭାରତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀରେ ବିଭିନ୍ନ ବୈଷୟିକ ସମାଧାନ କୌଶଳ ଉପସ୍ଥାପନ କରାଯାଇଥିଲା । ଆଜି ସକାଳେ ସମ୍ମିଳନୀସ୍ଥଳକୁ ପରିଦର୍ଶନରେ ଯାଇ ଶ୍ରୀ ବୈଷ୍ଣବ କହିଛନ୍ତି, ଏଆଇ ସମ୍ମିଳନୀ ସଂପର୍କରେ ଯୁବଗୋଷ୍ଠୀଙ୍କ ମଧ୍ୟରେ ପ୍ରବଳ ଆଗ୍ରହ ଏବଂ ଉତ୍ସାହ ଦେଖିବାକୁ ମିଳିଛି । ପ୍ରଦର୍ଶନକାରୀଙ୍କ ସହ ଆଲୋଚନା ବେଳେ ମନ୍ତ୍ରୀ କହିଛନ୍ତି, ଏହି ସମ୍ମିଳନୀ ବେଳେ କଂଗ୍ରେସର ପ୍ରତିବାଦ ଲଜ୍ଜାଜନକ ଏବଂ ଏହା ସମସ୍ତଙ୍କୁ ଦୁଃଖିତ କରିଛି । ସେ କହିଛନ୍ତି, କଂଗ୍ରେସ ହେଉଛି ଯୁବଗୋଷ୍ଠୀ ବିରୋଧୀ ଏବଂ ଏହା ନବସୃଜନ ଉପରେ ପ୍ରାଧାନ୍ୟ ଦିଏ ନାହିଁ । **V/O (Aswini Baishnab)**

ନୂଆଦିଲ୍ଲୀଠାରେ ଗଣମାଧ୍ୟମକୁ ସୂଚନା ଦେଇ ବିଜେପି ମୁଖପାତ୍ର ସୁଧାଂଶୁ ତ୍ରିବେଦୀ କହିଛନ୍ତି, ସମଗ୍ର ଦେଶ କଂଗ୍ରେସର ଏପରି ଆଚରଣରେ ବ୍ୟଥିତ ହୋଇଛି । ଦେଶବାସୀ ଏଥିପାଇଁ ଦଳକୁ କ୍ଷମା ପ୍ରଦାନ କରିବେ ନାହିଁ । ସେ କହିଛନ୍ତି, ଭାରତ କୃତ୍ରିମ ବୁଦ୍ଧିମତ୍ତା ପ୍ରଭାବ ସମ୍ମିଳନୀ ସମସ୍ତଙ୍କ ପାଇଁ ଏକ ଗର୍ବର

ବିଷୟ । କିନ୍ତୁ କଂଗ୍ରେସ ପକ୍ଷରୁ ଏପରି ପ୍ରତିବାଦ ସମସ୍ତଙ୍କ ପାଇଁ ଲଜ୍ଜାଜନକ ଘଟଣା ।

---

## ଦିଲ୍ଲୀ-ଆଲର୍ଟ

ନୂଆଦିଲ୍ଲୀରେ ଆତଙ୍କବାଦୀ ଆକ୍ରମଣ ଆଶଙ୍କା ନେଇ ଗୁଇନ୍ଦା ସଂସ୍ଥା ପକ୍ଷରୁ ସୂଚନା ମିଳିବା ପରେ ସମସ୍ତ ଧାର୍ମିକ ଏବଂ ଐତିହ୍ୟସ୍ଥଳରେ ସୁରକ୍ଷା ବ୍ୟବସ୍ଥା କଡ଼ାକଡ଼ି କରାଯାଇଛି । ଦିଲ୍ଲୀର ରେଡ୍‌ଫୋର୍ଟ ଓ ଚାନ୍ଦିନୀଚୌକର କିଛି ଅଞ୍ଚଳରେ କଡ଼ା ସୁରକ୍ଷା ବ୍ୟବସ୍ଥା ଗ୍ରହଣ କରାଯାଇଛି । ପାକିସ୍ତାନ ସମର୍ଥିତ ଲସ୍କର-ଏ ତୋୟବା ଆତଙ୍କବାଦୀ ସଂଗଠନ ଚାନ୍ଦିନଚୌକର  କେତେକ ଧାର୍ମିକସ୍ଥଳରେ ବିସ୍ଫୋରଣ ଘଟାଇବା ନେଇ  ଗୁଇନ୍ଦା ପକ୍ଷରୁ ସୂଚନା ମିଳିବା ପରେ ସତର୍କତା ଅବଲମ୍ବନ କରାଯାଇଛି ।

ଅନ୍ୟପକ୍ଷରେ ପ୍ରଶାସନ ତରଫରୁ ସମସ୍ତ ପ୍ରତିଷେଧକମୂଳକ ବ୍ୟବସ୍ଥ ଗ୍ରହଣ କରାଯାଇଛି ଏବଂ ଲୋକମାନଙ୍କୁ ଆତଙ୍କିତ ନ ହେବା ପାଇଁ ପରାମର୍ଶ ଦିଆଯାଇଛି ।

---

## ହ୍ୱାଇଟ୍ ହାଉସ୍-ଟାରିଫ୍

ଆମେରିକାର ହ୍ୱାଇଟ୍ ହାଉସ୍ ପକ୍ଷରୁ ଭାରତରେ ଅସ୍ଥାୟୀ ଭାବେ ୧୦ ପ୍ରତିଶତ ଶୁଳ୍କ ଲାଗୁ ହେବା ଲାଗି ସୂଚନା ଦିଆଯାଇଛି । ଆମେରିକା ରାଷ୍ଟ୍ରପତି ଡୋନାଲ୍‌ଡ ଟ୍ରମ୍ପଙ୍କ ପକ୍ଷରୁ ନୂତନ ବୈଶ୍ୱିକ ଶୁଳ୍କ ଘୋଷଣା ହେବା ପରେ ଏପରି ପଦକ୍ଷେପ ନିଆଯାଇଛି । ଆନ୍ତର୍ଜାତିକ ଜରୁରୀକାଳୀନ ଅର୍ଥନୈତିକ କ୍ଷମତା ଆଇନ-IEEPA ଅଧୀନରେ ପୂର୍ବରୁ ଲାଗୁ କରାଯାଇଥିବା ଶୁଳ୍କ ପ୍ରତିବଦଳରେ ଏହି ନୂତନ ଶୁଳ୍କ କାର୍ଯ୍ୟକାରୀ କରାଯିବ । ଆମେରିକାର ସର୍ବୋଚ୍ଚ ନ୍ୟାୟାଳୟଙ୍କ ଶୁଳ୍କ ବାତିଲ ସଂପର୍କିତ ନିଷ୍ପତ୍ତିକୁ ସମାଲୋଚନା କରିବା ପରେ ଏପରି ପଦକ୍ଷେପ ଗ୍ରହଣ କରାଯାଇଛି ।

---

# ମନ୍ କି ବାତ୍

ପ୍ରଧାନମନ୍ତ୍ରୀ ନରେନ୍ଦ୍ର ମୋଦି ଆସନ୍ତାକାଲି ପୂର୍ବାହ୍ନ ୧୧ଟାରେ ଆକାଶବାଣୀରେ ମନ କି ବାତ କାର୍ଯ୍ୟକ୍ରମରେ ଦେଶ ଏବଂ ବିଦେଶର ଲୋକଙ୍କ ସହ ଭାବ ବିନିମୟ କରିବେ। ଏହା ହେଉଛି ମାସିକ ରେଡିଓ କାର୍ଯ୍ୟକ୍ରମର ୧୩୧ତମ ସଂସ୍କରଣ। ଏହି କାର୍ଯ୍ୟକ୍ରମ ଆକାଶବାଣୀ ଏବଂ ଦୂରଦର୍ଶନର ସମସ୍ତ ନେଟୱାର୍କ, ଆକାଶବାଣୀ ନ୍ୟୁଜ୍ ୱେବସାଇଟ୍ ଏବଂ ନ୍ୟୁଜ୍ ଅନ୍ ଏଆଇଆର୍ ମୋବାଇଲ୍ ଆପ୍‌ରେ ପ୍ରସାରିତ ହେବ। ଏହା ଆକାଶବାଣୀ ନ୍ୟୁଜ୍, ଡିଡି ନ୍ୟୁଜ୍, ପିଏମଓ ଏବଂ ସୂଚନା ଓ ପ୍ରସାରଣ ମନ୍ତ୍ରଣାଳୟର ୟୁଟ୍ୟୁବ୍ ଚ୍ୟାନେଲରେ ମଧ୍ୟ ପ୍ରସାରିତ ହେବ। ହିନ୍ଦୀ ପ୍ରସାରଣ ପରେ ଆକାଶବାଣୀ କାର୍ଯ୍ୟକ୍ରମର ଆଞ୍ଚଳିକ ଭାଷାନ୍ତରଣ ପ୍ରସାରଣ କରିବ।

---

# ଗୋଆ ମାରିଟାଇମ୍ କନ୍‌କ୍ଲେଭ୍

ଭାରତୀୟ ନୌବାହିନୀ ପକ୍ଷରୁ ଗୋଆ ସାମୁଦ୍ରିକ ସମ୍ମିଳନୀ ୨୦୨୬ର ପଞ୍ଚମ ସଂସ୍କରଣ ଆଜି ନାଭାଲ୍ ୱାର୍ କଲେଜ୍ ଭେରେମ୍‌ଠାରେ ଆରମ୍ଭ ହୋଇଛି । ଏହି ସମ୍ମିଳନୀର ବିଷୟବସ୍ତୁ ରହିଛି "ଭାରତ ମହାସାଗର ଅଞ୍ଚଳ- ଏ କ୍ଷେତ୍ରରେ ସାମୁଦ୍ରିକ ଆହ୍ୱାନ- ସୃଷ୍ଟି ହେଉଥିବା ଆତଙ୍କର ସମାଧାନ ଦିଗରେ ଉନ୍ନୀତ ପଦକ୍ଷେପ ।"

ଭାରତ ମହାସାଗର ଅଞ୍ଚଳରେ ସାମୁଦ୍ରିକ ଆହ୍ୱାନର ମୁକାବିଲା କରିବା ଲାଗି ଭାଗିଦାରିତା ଏବଂ ବିଭିନ୍ନ ସହଯୋଗମୂଳକ ପଦକ୍ଷେପ ସୁଦୃଢ଼ କରିବା ଉପରେ ଗୁରୁତ୍ୱାରୋପ କରାଯାଇଛି । ପ୍ରମୁଖ ବିଷୟବସ୍ତୁ ମଧ୍ୟରେ ବେଆଇନ ଔଷଧର ଚୋରା ଚାଲାଣ, ମାନବ ଚାଲାଣ, ସୁରକ୍ଷା ଆତଙ୍କ, ବେଆଇନ ମାଛଧରା ଆଦି ଆଲୋଚନାର ପ୍ରସଙ୍ଗ ରହିଛି । ସମ୍ମିଳନୀରେ ସାଟେଲାଇଟ୍ ସିଷ୍ଟମ୍ ସାମୁଦ୍ରିକ ବିକାଶମୂଳକ କାର୍ଯ୍ୟକ୍ରମର ତୀକ୍ଷଣ ଅନୁଧ୍ୟାନ, ନାଭାଲ୍ ଟାସ୍କଫୋର୍ସ ଗଠନ ଏବଂ

ପରିଚାଳନାଗତ ତତ୍ତ୍ୱାବଧାନ ସଂପର୍କରେ ଆଲୋଚନା ହୋଇଛି । ଏଥିରେ ୧୪ଟି ଭାଗିଦାରୀ ରାଷ୍ଟ୍ରର ନୌସେନା ମୁଖ୍ୟ ଏବଂ ବରିଷ୍ଠ ସାମୁଦ୍ରିକ ନେତାମାନେ ଅଂଶ ଗ୍ରହଣ କରୁଛନ୍ତି । ପୂର୍ବତନ ନୌବାହିନୀ ଆଡମିରାଲ୍ ମୁଖ୍ୟ ଅରୁଣ ପ୍ରକାଶ ସାମୁଦ୍ରିକ ସୁରକ୍ଷା ଆହ୍ୱାନ ସଂପର୍କରେ ତାଙ୍କର ମତ ପ୍ରକାଶ କରିଥିଲେ ।

---

## ନାସା ଲୁନାର ମିଶନ

ଯୁକ୍ତରାଷ୍ଟ୍ର ଆମେରିକାର ମହାକାଶ ବିଜ୍ଞାନ ସଂସ୍ଥାନ-ନାସା ପକ୍ଷରୁ ଆସନ୍ତା ମାସ ୬ ତାରିଖ ବେଳକୁ ଚନ୍ଦ୍ର ଅଭିଯାନର ଶୁଭାରମ୍ଭ ହେବାର ସମ୍ଭାବନା ରହିଥିବା ଘୋଷଣା କରାଯାଇଛି । ପୂର୍ବରୁ ଏ ସଂପର୍କରେ ହୋଇଥିବା ପରୀକ୍ଷଣ ସଫଳ ହେବା ପରେ ନାସା ପକ୍ଷରୁ ଏହା ସ୍ଥିର କରାଯାଇଛି । ଏହି ଅଭିଯାନ ପ୍ରକ୍ରିୟା ଦ୍ୱାରା ଚନ୍ଦ୍ରରେ ମାନବ ଉପସ୍ଥିତିର ପରୀକ୍ଷଣ କରାଯିବା ଦିଗରେ ସହାୟକ ହେବ ।

---

## ମହିଳା ଟି-୨୦

ଅଷ୍ଟ୍ରେଲିଆର ଆଡିଲେଡ୍ ଓଭାଲ୍ ଷ୍ଟାଡିୟମରେ ୩ ମ୍ୟାଚ୍ ବିଶିଷ୍ଟ ମହିଳା କ୍ରିକେଟ ସିରିଜ୍‌ରେ ଆଜି ଭାରତ ଏବଂ ଅଷ୍ଟ୍ରେଲିଆ ମଧ୍ୟରେ ମ୍ୟାଚ୍ ଜାରି ରହିଛି । ଏହା ହେଉଛି ସିରିଜ୍‌ର ତୃତୀୟ ତଥା ଅନ୍ତିମ ଟି-୨୦ ମ୍ୟାଚ୍ । ଟସ୍ ଜିତି ଭାରତ ବ୍ୟାଟିଂ କରିବାକୁ ନିଷ୍ପତ୍ତି ନେଇଛି ।

ବର୍ତ୍ତମାନ ସିରିଜ ୧-୧ ସ୍ଥିତିରେ ରହିଛି ।

---

## କ୍ରିକେଟ୍ ୱାର୍ଲ୍ଡକପ୍-ମହିଳା କ୍ରିକେଟ୍

ଆଇ.ସି.ସି. ଟି-ଟ୍ୱେଣ୍ଟି କ୍ରିକେଟ ବିଶ୍ୱକପରେ ଆଜିଠାରୁ ସୁପର୍-ଏଇଟ୍ ପର୍ଯ୍ୟାୟ ଆରମ୍ଭ ହେବ । ଏହି ପର୍ଯ୍ୟାୟର ପ୍ରଥମ ଗ୍ରୁପ୍‌ରେ ଭାରତ, ଦକ୍ଷିଣ ଆଫ୍ରିକା, ୱେଷ୍ଟଇଣ୍ଡିଜ୍ ଓ ଜିମ୍ବାୱେ ଥିବାବେଳେ ଦ୍ୱିତୀୟ ଗ୍ରୁପ୍‌ରେ ଶ୍ରୀଲଙ୍କା, ଇଂଲଣ୍ଡ, ନ୍ୟୁଜିଲାଣ୍ଡ ଓ ପାକିସ୍ତାନ ରହିଛି । ଆଜି ସନ୍ଧ୍ୟା ୭ଟାରେ ଶ୍ରୀଲଙ୍କାର ଆର୍.ପ୍ରେମଦାସା

ଷ୍ଟାଡିୟମ୍‌ରେ ପାକିସ୍ତାନ ଏବଂ ନ୍ୟୁଜିଲାଣ୍ଡ ମଧ୍ୟରେ ପ୍ରଥମ ସୁପର-ଏଇଟ୍ ମ୍ୟାଚ୍ ଖେଳାଯିବ । ଭାରତ ଆସନ୍ତାକାଲି ଦକ୍ଷିଣ ଆଫ୍ରିକା ବିପକ୍ଷରେ ଅହମ୍ମଦାବାଦର ନରେନ୍ଦ୍ର ମୋଦୀ ଷ୍ଟାଡିୟମ୍ ସୁପର୍-ଏଇଟ୍ ମ୍ୟାଚ୍ ଖେଳିବ ।

ଗତକାଲି ଶ୍ରୀଲଙ୍କାର ପାଲେକେଲ ଅନ୍ତର୍ଜାତୀୟ କ୍ରିକେଟ ଷ୍ଟାଡିୟମରେ ଅନୁଷ୍ଠିତ ଶେଷ ଗ୍ରୁପ୍-ବି' ମ୍ୟାଚ୍‌ରେ ଅଷ୍ଟ୍ରେଲିଆ ୯ ୱିକେଟରେ ଓମାନକୁ ପରାସ୍ତ କରିଛି ।

..........................................................................................